# NATIONAL NEWS BULLETIN (ODIA)
## 21 March - 2024
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଖରାପ ପାଗ ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇ ଦିନିଆ ଭୁଟାନ ଗସ୍ତକୁ ସ୍ଥଗିତ ରଖାଯାଇଛି ।
- ସରକାରୀ ସମ୍ପତ୍ତିରୁ ସମସ୍ତ ଅନଧିକୃତ ରାଜନୈତିକ ପୋଷ୍ଟରକୁ ତୁରନ୍ତ ହଟାଇବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।
- ମାର୍ଚ୍ଚ ୩୧, ରବିବାର ଦିନ ସମସ୍ତ ବ୍ୟାଙ୍କ ଶାଖା ଖୋଲା ରଖିବାକୁ ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଇଛି ।
- ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି ନିରନ୍ତର ମାନବିକ ସହାୟତା ଲାଗି ଭାରତକୁ କୃତଜ୍ଞତା ଜଣାଇଛନ୍ତି ।

ଏବଂ

- ସ୍ୱିସ୍ ଓପନ୍ ସୁପର-୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲରେ ଭାରତ ପ୍ରବେଶ କରିଛି ।

# ପିଏମ ଭୁଟାନ

ଖରାପ ପାଗ ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇ ଦିନିଆ ଭୁଟାନ ଗସ୍ତକୁ ସ୍ଥଗିତ ରଖାଯାଇଛି । ଦୁଇ ଦେଶ ମଧ୍ୟରେ ରଣନୈତିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ନୂଆ ତାରିଖ ଘୋଷଣା କରାଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ଇସିଆଇ-ପୋଷ୍ଟର

ରେଳବାଇ ଓ ବିମାନ ବନ୍ଦର ଭଳି ସରକାରୀ ସମ୍ପତ୍ତିରୁ ସମସ୍ତ ଅନଧିକୃତ ରାଜନୈତିକ ପୋଷ୍ଟରକୁ ତୁରନ୍ତ ହଟାଇବାକୁ ନିର୍ବାଚନ ଆୟୋଗ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଏବେ ବି ଅନଧିକୃତ ରାଜନୈତିକ ବିଜ୍ଞାପନ ପ୍ରଦର୍ଶିତ ହେଉଛି ବୋଲି କମିଶନଙ୍କ ନିକଟରେ ବିଭିନ୍ନ ମହଲରୁ ଅଭିଯୋଗ ଆସୁଛି । ନିର୍ବାଚନ ଆୟୋଗ ଏହାର ନିର୍ଦ୍ଦେଶକୁ ପାଳନ ନ କରିବା କିମ୍ବା ଆଂଶିକ ଭାବେ ପାଳନ କରିବା ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି । ସମସ୍ତ ଅନଧିକୃତ ରାଜନୈତିକ ବିଜ୍ଞାପନକୁ ତୁରନ୍ତ ହଟାଇବାକୁ ଆୟୋଗ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତାକାଲି ଅପରାହ୍ନ ୫ଟା ସୁଦ୍ଧା ଏହି ମାମଲାର ଅନୁପାଳନ ରିପୋର୍ଟ ପଠାଇବାକୁ କମିଶନ କହିଛନ୍ତି ।

## ପିଏମ ଡେମୋକ୍ରାସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତରେ ଗଣତନ୍ତ୍ରର ଏକ ପ୍ରାଚୀନ ଏବଂ ଏକକ ସଂସ୍କୃତି ରହିଛି। ଦକ୍ଷିଣ କୋରିଆର ସିଓଲଠାରେ ଗଣତନ୍ତ୍ର ଶିଖର ସମ୍ମିଳନୀକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ସେ କହିଛନ୍ତି ଯେ ସହମତି ଓ ମୁକ୍ତ ଆଲୋଚନା ଭାରତର ପରିଚୟ। ଆଉ କିଛି ସପ୍ତାହ ପରେ ଭାରତ ଗଣତନ୍ତ୍ରର ସବୁଠାରୁ ବଡ ପର୍ବ ଦେଖିବ ବୋଲି ଶ୍ରୀ ମୋଦି କହିଛନ୍ତି । ୧୦୦ କୋଟି ଭୋଟରଙ୍କ ମତଦାନ ପରେ ଏହା ମାନବ ଇତିହାସର ସବୁଠାରୁ ବଡ଼ ନିର୍ବାଚନୀ ପ୍ରକ୍ରିୟା ହେବ। ସେ କହିଛନ୍ତି ଯେ ଭାରତବାସୀ ପୁଣି ଥରେ ଗଣତନ୍ତ୍ର ଉପରେ ଆସ୍ଥା ପ୍ରକଟ କରିବେ।

## ଇଣ୍ଡିଆ-ୟୁକ୍ରେନ

ୟୁକ୍ରେନର ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି ତାଙ୍କ ଦେଶର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା, ମାନବିକ ସହାୟତା ଏବଂ ଶାନ୍ତି ଶିଖର ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ କ୍ଷେତ୍ରରେ ଭାରତର ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଯେ ସ୍ୱିଜରଲ୍ୟାଣ୍ଡରେ ପ୍ରଥମ ଶାନ୍ତି ଶିଖର ସମ୍ମିଳନୀରେ ଭାରତର ଅଂଶଗ୍ରହଣ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେଲିଫୋନ୍ ଯୋଗେ କଥା ବାର୍ତ୍ତା ହେବା ପରେ ଜେଲେନସ୍କି ଏହି ମନ୍ତବ୍ୟ ଦେଇଛନ୍ତି । ଆଲୋଚନାରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ୟୁକ୍ରେନ ଭାରତ ସହ ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବାକୁ ଚାହୁଁଛି ବୋଲି ଶ୍ରୀ ଜେଲେନସ୍କି କହିଛନ୍ତି । ବିଶେଷକରି କୃଷିଜାତ ଦ୍ରବ୍ୟର ରପ୍ତାନି, ବିମାନ ଚଳାଚଳ ସହଯୋଗ, ଔଷଧ ଓ ଶିଳ୍ପ ସହଯୋଗ ବୃଦ୍ଧି ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି । ଶ୍ରୀ ଜେଲେନସ୍କି କହିଛନ୍ତି ଯେ ୟୁକ୍ରେନ ଏହାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ପାଇଁ ଭାରତୀୟ ଛାତ୍ରମାନଙ୍କୁ ଡାକିବାକୁ ଚାହୁଁଛି ।

ବାର୍ତ୍ତାଳାପ ସମୟରେ ଶ୍ରୀ ମୋଦୀ ଚାଲିଥିବା ଯୁଦ୍ଧ ଶେଷ କରିବା ପାଇଁ ଭାରତର ନିରନ୍ତର ପ୍ରୟାସ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରୟାସ ବିଷୟରେ ଅବଗତ କରାଇଥିଲେ । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତ ମାନବିକ ସହାୟତା ପ୍ରଦାନ ଜାରି ରଖିବ ବୋଲି ସେ କହିଛନ୍ତି ।

## ଇଣ୍ଡୋନେସିଆ ଇଲେକ୍ସନ

ଇଣ୍ଡୋନେସିଆର ନିର୍ବାଚନ ଆୟୋଗ ଆନୁଷ୍ଠାନିକ ଭାବେ ପ୍ରବୋଭୋ ସୁବିଆଣ୍ଟୋଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଘୋଷଣା କରିଛନ୍ତି । ପୂର୍ବତନ ଜେନେରାଲ ୭୨ ବର୍ଷୀୟ ସୁବିଆଣ୍ଟୋଙ୍କୁ ୫୮.୫୯ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଆନିସ୍

ବାସ୍ୱେଡେନ ୨୪.୯୫ ପ୍ରତିଶତ ଭୋଟ ପାଇଛନ୍ତି। ଅନ୍ୟ ଜଣେ ରାଷ୍ଟ୍ରପତି ପ୍ରାର୍ଥୀ ଗଞ୍ଜାର ପ୍ରନୋଭୋ ୧୬.୪୬ ପ୍ରତିଶତ ଭୋଟ ପାଇଥିଲେ।

ନିର୍ବାଚନ ଆୟୋଗ ଇଣ୍ଡୋନେସିଆର ବିଦାୟୀ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ପୁଅ ଜିବ୍ରାନ ରକାବୁମିଂ ରାକାଙ୍କୁ ପରବର୍ତ୍ତୀ ଉପରାଷ୍ଟ୍ରପତି ଘୋଷଣା କରିଛନ୍ତି। ନବନିର୍ବାଚିତ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଚଳିତ ବର୍ଷ ଅକ୍ଟୋବର ୨୦ତାରିଖରେ ଦାୟିତ୍ୱ ଗ୍ରହଣ କରିବେ। ଫେବ୍ରୁଆରି ୧୪ରେ ଇଣ୍ଡୋନେସିଆରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଆଇଏସଆଇଏସ ଆରେଷ୍ଟ

ଆସାମ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଧୁବରୀ ଠାରେ ଆଇଏସଆଇଏସ ପ୍ରମୁଖ ହାରିସ ଫାରୁକି ଏବଂ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଆସାମ ପୁଲିସର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ କହିଛନ୍ତି ଯେ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ସୂଚନା ଆଧାରରେ ସ୍ପେଶାଲ ଟାସ୍କ ଫୋର୍ସ ଉଭୟଙ୍କୁ ସୀମା ପାର ହେଉଥିବା ବେଳେ ଗିରଫ କରିଥିଲା। ଦୁଇ ଆତଙ୍କବାଦୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ବ୍ୟାଙ୍କ ୩୧ ମାର୍ଚ୍ଚ

ମାର୍ଚ୍ଚ ୩୧, ରବିବାର ଦିନ  ସମସ୍ତ ବ୍ୟାଙ୍କ ଶାଖା ଖୋଲା ରଖିବାକୁ ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଇଛି। ମାର୍ଚ୍ଚ ୩୧ରେ ସରକାରୀ ଦେଣନେଣ କାରବାର କରୁଥିବା ସମସ୍ତ ବ୍ୟାଙ୍କକୁ କାରବାର ପାଇଁ ଖୋଲା ରଖିବାକୁ

ଅନୁରୋଧ କରାଯିବା ପରେ ଏହି ପରାମର୍ଶ ଦିଆଯାଇଛି। ଯାହାଦ୍ୱାରା ସମସ୍ତ ସରକାରୀ କାରବାର ଚଳିତ ଆର୍ଥିକ ବର୍ଷରେ ହିଁ ହିସାବ କରାଯାଇପାରିବ।

## ନାଗାଲାଣ୍ଡ ଇଲେକ୍ସନ

ନାଗାଲାଣ୍ଡରେ ନିର୍ବାଚନ ପାଇଁ ଭୋଟର ପରିଚୟ ପତ୍ର ତିଆରି ପ୍ରକ୍ରିୟାରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ଅଧିକ ରହିଛି। ରାଜ୍ୟର ୧୩ ଲକ୍ଷ ୧୭ ହଜାର ଭୋଟରଙ୍କ ମଧ୍ୟରୁ ୬ ଲକ୍ଷ ୬୦ ହଜାର ମହିଳା ଭୋଟର ଓ ୬ ଲକ୍ଷ ୫୬ ହଜାର ପୁରୁଷ ଭୋଟର ରହିଛନ୍ତି। ନାଗାଲାଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ ବ୍ୟାସନ ଆର କହିଛନ୍ତି ଯେ ୨୦ରୁ ୨୯ ବର୍ଷ ବୟସର ୨ ଲକ୍ଷ ୭୪ ହଜାରରୁ ଅଧିକ ଭୋଟର ଅଛନ୍ତି।

## ପିଏମ ସଦଗୁରୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦଗୁରୁ ଜଗୀ ବାସୁଦେବଙ୍କ ସହ କଥା ହୋଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆଧ୍ୟାତ୍ମିକ ଗୁରୁ ତଥା ଇଶା ଫାଉଣ୍ଡେସନର ପ୍ରତିଷ୍ଠାତା ସଦଗୁରୁଙ୍କର ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଛି। ଡାକ୍ତରମାନେ ପୂର୍ବରୁ କହିଥିଲେ ଯେ ସଦ୍ଗୁରୁଙ୍କ ମସ୍ତିଷ୍କରେ ପ୍ରବଳ ରକ୍ତସ୍ରାବ ହେଉଥିଲା।

# ତେଲଙ୍ଗାନା ସେଣ୍ଟର ଫୋର୍ସେସ୍

ଲୋକସଭା ନିର୍ବାଚନ ଦୃଷ୍ଟିରୁ ତେଲଙ୍ଗାନାର ବିଭିନ୍ନ ଜିଲ୍ଲାରେ ୪୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି । ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ତେଲଙ୍ଗାନାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ଲାଗି ସୁରକ୍ଷାବଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନ ଅଧିକାରୀ କହିଛନ୍ତି ଲୋକମାନେ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ମତଦାନ କରିବେ, ସେ ନେଇ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଲାଗି ପଦକ୍ଷେପ ନିଆଯାଉଛି । ଗତକାଲି ଖମାମ୍ ଏବଂ ନାଲ୍‌ଗୋଣ୍ଡାରେ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ରାଜ୍ୟ ପୋଲିସ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ଖମାମ୍ ପୋଲିସ୍ କମିଶନର କହିଛନ୍ତି ଭୋଟ୍‌ଦାନ କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ଲାଗି ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଜମା କରିବା ଲାଗି ପୁଲିସ୍ ପ୍ରଶାସନ ଲୋକମାନଙ୍କୁ କହିଛି ।

# ସେଣ୍ଟର ମିନିଷ୍ଟର

କେନ୍ଦ୍ରମନ୍ତ୍ରୀ ତଥା ରାଷ୍ଟ୍ରୀୟ ଲୋକଜନଶକ୍ତି ପାର୍ଟି ମୁଖ୍ୟ ପଶୁପତି କୁମାର ପାରସ୍ କେନ୍ଦ୍ର କ୍ୟାବିନେଟ୍‌ରୁ ଇସ୍ତଫା ଦେବା ପରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରାଳୟର ଅତିରିକ୍ତ ଦାୟିତ୍ୱ

ଦିଆଯାଇଛି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ପାରସଙ୍କ ଇସ୍ତଫାକୁ ତୁରନ୍ତ ଗ୍ରହଣ କରିଥିଲେ । ଶ୍ରୀ ରିଜିଜୁ ଏବେ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି ।

## ତେଲଙ୍ଗାନା ଗଭର୍ଣ୍ଣର

ଝାଡ଼ଖଣ୍ଡ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ତେଲଙ୍ଗାନା ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ହାଇଦ୍ରାବାଦସ୍ଥିତ ରାଜଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଆଲୋକ ଆରାଧେ ତାଙ୍କୁ ଶପଥପାଠ କରାଇଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ଶାନ୍ତିକୁମାରୀ ନିଯୁକ୍ତି ପରୱାନା ପାଠ କରିଥିଲେ ।

## ଆଇଓସି-ରୁଷ୍

ପ୍ୟାରିସ୍ ଗେମ୍ସ ର ଉଦ୍‌ଘାଟନୀ ଉତ୍ସବରେ ହେବାକୁ ଥିବା ପରେଡ୍‌ରେ ରୁଷ୍ ଏବଂ ବେଲାରୁଷ୍ ର କ୍ରୀଡ଼ାବିତ୍‌ମାନଙ୍କୁ ଭାଗନେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଆନ୍ତର୍ଜାତିକ ଅଲମ୍ପିକ୍ କମିଟି କହିଛି । କମିଟିର ନିର୍ଦ୍ଦେଶକ ଜେମ୍ସ ମାକ୍‌ଲଏଡ୍ କହିଛନ୍ତି ଏକ ନିର୍ଦ୍ଦିଷ୍ଟ ଦେଶର କ୍ରୀଡ଼ାବିତ୍ ଭାବେ ବିବେଚିତ ହେଉନଥିବା ଖେଳାଳିମାନଙ୍କୁ ପରେଡ୍‌ରେ ଭାଗନେବାକୁ ଅନୁମତି ଦିଆଯିବ ନାହିଁ । ତେବେ ପ୍ୟାରିସ୍ ଗେମ୍ସର

ଉଦ୍‌ଯାପନୀ ଉତ୍ସବରେ ସେମାନଙ୍କ ଯୋଗଦାନ ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ କ୍ରେମ୍‌ଲିନ୍ ର ଜଣେ ମୁଖପାତ୍ର କହିଛନ୍ତି, ଆନ୍ତର୍ଜାତିକ ଅଲମ୍ପିକ୍ କମିଟିର ଏହି ନିଷ୍ପତ୍ତି ଫଳରେ ଅଲିମ୍ପିକ୍‌ର ମୂଳ ଉଦ୍ଦେଶ୍ୟ ସାଧିତ ହେବନାହିଁ । ରୁଷ୍ ଏବଂ ବେଲାରୁଷ୍‌ର ଯେଉଁ କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଭାଗ ନେବେ, ସେମାନେ ନିଜର ଜାତୀୟ ପତାକା ଏବଂ ଜାତୀୟ ସଂଗୀତ ପ୍ରଦର୍ଶନ କରିପାରିବେ ନାହିଁ । ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ ରୁଷ୍ ଏବଂ ବେଲାରୁଷ୍‌ର କ୍ରୀଡ଼ାବିତ୍‌ମାନଙ୍କୁ ଅନେକ ଗୁଡ଼ିଏ ଆନ୍ତର୍ଜାତିକ କ୍ରୀଡ଼ାରୁ ବାସନ୍ଦ କରାଯାଇଛି ।

# ପାକ୍ ଆଟାକ୍

ପାକିସ୍ତାନର ବଲୁଚିସ୍ତାନରେ ଗଦ୍ଧାର ବନ୍ଦର ଅଞ୍ଚଳରେ ସଂଘର୍ଷ ଘଟି ୮ଜଣ ଆତଙ୍କବାଦୀ ଓ ୨ ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସଂପୃକ୍ତ ଆତଙ୍କବାଦୀମାନେ ସେହି ବନ୍ଦର ଅଞ୍ଚଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ ଏହି ସଂଘର୍ଷ ଘଟିଥିଲା । ଏଥିରେ ୨ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ବଲୁଚିସ୍ତାନ ଲିବରେସନ୍ ଆର୍ମିର ମାଜିଦ୍ ବ୍ରିଗେଡ୍ ନିଜକୁ ଦାୟୀ କରିଛି ।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସୀମାପାର ଆତଙ୍କବାଦକୁ ଦମନ କରାଯିବାକୁ କହିବାର ଗୋଟିଏ ଦିନ ପରେ ଏହି ଘଟଣା ଘଟିଛି ।

## ସ୍ୱିସ୍ ଓପନ୍ ବ୍ୟାଡମିଣ୍ଟନ

ସ୍ୱିସ୍ ଓପନ୍ ସୁପର-୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର କିରଣ ଜର୍ଜ ପ୍ରବେଶ କରିଛନ୍ତି। କିରଣ ପ୍ରଥମ ରାଉଣ୍ଡରେ ଜାପାନର ତାକୁମା ଓବାୟାସୀଙ୍କୁ ୨୧-୧୮, ୨୧-୧୯ ସେଟରେ ପରାସ୍ତ କରିଥିଲେ। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ପ୍ରିୟାଂଶୁ ରାଜାୱତ ହଂକଂର ଲି ଚେଉକ ୟିଉଙ୍କୁ ୨୧-୧୨, ୨୧-୧୫ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଏହା ପୂର୍ବରୁ ମିକ୍ସଡ ଡବଲ୍ସରେ ସତୀଶ କୁମାର କରୁଣାକରନ ଓ ଆଦ୍ୟା ୱାରିଆଥଙ୍କ ଭାରତୀୟ ଯୋଡ଼ି ୨୧-୧୮, ୧୧-୨୧, ୨୧-୧୯ରେ ମାଲେସିଆର ରୟ କିଙ୍ଗ ୟାପ୍ ଓ ଭାଲେରୀ ସିଓଙ୍କ ଯୋଡ଼ିକୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

ପୂର୍ବତନ ଚାମ୍ପିୟନ କିଦାମ୍ବି ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ୍ ମଧ୍ୟ ପୁରୁଷ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି

ଶ୍ରୀକାନ୍ତ ମାଲେସିଆର ଜିଆ ଲିଙ୍କୁ ଭେଟିବେ ଏବଂ ଲକ୍ଷ୍ୟ ସେନ ତାଇଓ୍ୱାନର ଚିଆ-ସିଏନ ଲିଙ୍କୁ ଭେଟିବେ ।

ମହିଳା ସିଙ୍ଗଲ୍ସରେ ଆସନ୍ତାକାଲି ଦ୍ୱିତୀୟ ରାଉଣ୍ଡରେ ପିଭି ସିନ୍ଧୁ ଜାପାନର ଟୋମୋକା ମିଆଜାକିଙ୍କୁ ଭେଟିବେ । ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପ୍ପା ଆସନ୍ତାକାଲି ପ୍ରି-କ୍ୱାର୍ଟର ଫାଇନାଲରେ ଜାପାନର ରୁଇ ହିରୋକାମି ଓ ୟୁନା କାଟୋଙ୍କ ଯୋଡ଼ିକୁ ଭେଟିବେ । ଏହି ରାଉଣ୍ଡରେ ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜଲି ଆଉ ଏକ ଭାରତୀୟ ଯୋଡ଼ି ପ୍ରିୟା କୋଞ୍ଜେଙ୍ଗବାମ୍ ଓ ଶ୍ରୁତି ମିଶ୍ରଙ୍କୁ ଭେଟିବେ ।